Sahayog
for equity and
sustainable development

# କୋଭିଡ-୧୯
# ଟୀକାକରଣ




## ଟୀକାକରଣର ଭୂମିକା କଣ? ଟୀକା କିପରି ସାହାଯ୍ୟ କରିପାରିବ?

ସାଧାରଣତଃ ଟୀକା (ଭ୍ୟାକ୍ସିନ)ରେ ନିର୍ଦ୍ଦିଷ୍ଟ ଭୂତାଣୁ (ଆଂଟିଜେନ)ର କିଛି ଦୁର୍ବଳ ବା ନିଷ୍କ୍ରିୟ ଅଂଶ ରହିଥାଏ । ଯାହାକି ବାସ୍ତବରେ ଶରୀର ମଧ୍ୟରେ ରୋଗର ମୁକାବିଲା କରିବାପାଇଁ ଏକ ରୋଗପ୍ରତିକାରକ ଉତ୍ପାଦନ କରିଥାଏ। । ଟୀକା (ଭ୍ୟାକ୍ସିନ)ର ପ୍ରଭାବକାରୀତା'ର ନିର୍ଣ୍ଣୟ କୋଡାଟି ବିଶେଷ ଉପଲବ୍ଧି ଉପରେ ନିର୍ଭର କରେ । ଯଥା-

୧. ଏହା ରୋଗର ପ୍ରତିରୋଧ କରିବାରେ ବିଶେଷ ସକ୍ଷମ ହେଉଛି କି ନୁହେଁ? ଯଦି ହଁ, ତେବେ କେତେ ମାତ୍ରାରେ ବା କେତେ ଦୂର ସଫଳ ହେଉଛି ।

୨. ସାଧାରଣତଃ ଟୀକା (ଭ୍ୟାକ୍ସିନ)ର ତୃତୀୟ ପର୍ଯ୍ୟାୟ ପରୀକ୍ଷଣରେ ଟୀକା'ର ପ୍ରଭାବକାରୀତା ନିରୂପଣ କରାଯାଏ । ଦେଖିବାକୁ ପ୍ରାୟ ସମାନ କିନ୍ତୁ ଚିକିତ୍ସିୟ ପ୍ରଭାବ ନଥିବା ପ୍ଲେସବୋ ଏବଂ ଟୀକା ମଧ୍ୟରେ ତୁଳନାତ୍ମକ ପ୍ରଭାବକାରୀତାର ଅନୁସନ୍ଧାନ କରାଯାଇଥାଏ ।

ଗୁରୁତର ବିମାରୀ (ରୋଗ), ଡ଼ାକ୍ତରଖାନାରେ ଭର୍ତି ହୋଇ ଚିକିତ୍ସା ହେବା କିମ୍ବା ମୃତ୍ୟୁର ରୋକଥାମରେ ଟୀକା'ର ପୃଥକ ଉପକାରୀତା ଅଛି । ଏହା ରୋଗ ସଂକ୍ରମଣକୁ ରୋକି ଜନସାସ୍ଥ୍ୟକୁ ଫାଇଦା ଦେଇଥାଏ । କୌଣସି ଗୋଷ୍ଠୀରେ ଯଦି ଅଧିକାଂଶ ଲୋକ ଟୀକା ନେଇଥାନ୍ତି, ତେବେ ସେହି ଗୋଷ୍ଠୀରେ ରୋଗର ସଂକ୍ରମଣ ଅନେକ ପରିମାଣରେ କମିଥାଏ । ଏହା ସଂକ୍ରମଣ ଏବଂ ରୋଗସହିତ ଜଡ଼ିତ ଅନ୍ୟାନ ବିପଦକୁ ଏଡ଼ାଇବାର କ୍ଷମତା ରଖିଥାଏ ।

## ଆମଦେଶରେ କେଉଁ ଟୀକା ଉପଲବ୍ଧ?

ବର୍ତମାନ ଆମଦେଶରେ ଦୁଇପ୍ରକାର ଟୀକାକୁ ଅନୁମତି ମିଳିଛି । କୋଭିସିଲ୍ଡ® ଏବଂ କୋଭାକ୍ସିନ® । ଏହାବ୍ୟତୀତ ଭାରତ ମଧ୍ୟ ରୁଷିଆରୁ ସ୍ପୁଟନିକ୍ ଭି କୋଭିଡ଼-୧୯ ଟୀକା ମେ' ମାସରେ ଟୀକାପାଇବ ଏହାର ସ୍ଥାନୀୟ ବିତରକ ଡ଼କ୍ଟର ରେଡ଼ି ଲାବୋରେଟୋରୀଜ ମାଧ୍ୟମରେ ।

## ଏହି ଟୀକା କେଉଁମାନେ ନେଇ ପାରିବେ?

୧୮ ବର୍ଷରୁ ଉର୍ଦ୍ଧ୍ୱ ଯେକୌଣସି ବ୍ୟକ୍ତି ଏହି ଟୀକା ନେଇପାରିବେ । ଏପରିକି ଯଦି କୌଣସି ବ୍ୟକ୍ତିଙ୍କର ପୂର୍ବରୁ ରକ୍ତଚାପ, ମଧୁମେହ, ଆସ୍ଥମା, ଫୁସଫୁସ ଜନିତ ସମସ୍ୟା, ଯକୃତ କିମ୍ବା ବୃକ୍କ ସମସ୍ୟା ଅଛି ଅଥବା କୌଣସି ପୁରାତନ ସଂକ୍ରମଣ ଯଦି ନିୟନ୍ତ୍ରଣାଧୀନ ଏବଂ ସ୍ଥିର ଅବସ୍ଥାରେ ଅଛି ତେବେ ମଧ୍ୟ ଏହି ଟୀକା ନେଇପାରିବେ । କିନ୍ତୁ ଦୁର୍ବଳ ରୋଗପ୍ରତିରୋଧକ କ୍ଷମତା ସମ୍ପନ୍ନ ବ୍ୟକ୍ତି (କର୍କଟ ରୋଗ /ଇମ୍ୟୁନୋ ସପ୍ରେସାଂଟସ୍ ଔଷଧ ସେବନ କରୁଥିବେ) ବା ଯାହାଙ୍କର ଆଲର୍ଜିର ହେବାର ପୁରୁଣା ନଜିର ଅଛି ବା ସେ ଗର୍ଭବତୀ ହୋଇଥାନ୍ତି ତେବେ ସେ ତାଙ୍କର ବ୍ୟକ୍ତିଗତ ଚିକିତ୍ସକ ବା ସେବାପ୍ରଦାନକାରୀଙ୍କ ସହିତ ପରାମର୍ଶ ନେଇପାରିବେ ।

## କେତେ ଟୀକା ନେବେ ଏବଂ କେବେ ନେବେ?

୨ଥର ଟୀକା ନେବାକୁ ପଡ଼ିବ । କୋଭିସିଲ୍ଡର ପ୍ରଥମ ଟୀକା ନେବାର ୪-୮ସପ୍ତାହ ପରେ ଦ୍ୱିତୀୟ ଟୀକା ନେବେ । କୋଭାକ୍ସିନ୍ ଏବଂ ସ୍ପୁଟନିକ୍ ଦୁଇଟି ଟୀକା ମଧ୍ୟରେ ୪-୬ ସପ୍ତାହର ବ୍ୟବଧାନ ରହିବ । ସମ୍ଭବତଃ ବର୍ଷକ ପରେ ବୁଷ୍ଟର ଆବଶ୍ୟକତା ପଡ଼ିବାରେ କିନ୍ତୁ ବର୍ତମାନ ଏହା ସ୍ପଷ୍ଟ ହୋଇନାହିଁ ।

## ସାଧାରଣ ପାର୍ଶ୍ୱପ୍ରତିକ୍ରିୟା କଣ ହୋଇପାରେ?

କିଛି ବ୍ୟକ୍ତିଙ୍କୁ ହାଲକା ଜ୍ୱର, ଟୀକା ଦିଆଯାଇଥିବା ସ୍ଥାନରେ ଦରଜ ଲାଗିବା, ଦେହ ଦରଜ ଲାଗିବା, ମୁଣ୍ଡବିନ୍ଧା କିମ୍ବା ଦୁର୍ବଳ ଲାଗିପାରେ ।

Jan Swasthya Abhiyan

CommonHealth

## ଏଭଳି ସ୍ଥିତିରେ କଣ କରିବା ଉଚିତ?

ପାରାସିଟାମଲ୍(୫୦୦ମି.ଗ୍ରା) ପ୍ରତି ୮ଘଣ୍ଟାରେ ଗୋଟିଏ କରି ୨୪ଘଣ୍ଟାରେ ତିନୋଟି ସେବନ କରନ୍ତୁ । ଏତିକି ମାତ୍ରାରେ ଔଷଧ ସେବନ ପାର୍ଶ୍ୱପ୍ରତିକ୍ରିୟା ଦୂରକରିବାପାଇଁ ସମର୍ଥ ।

## ଟୀକା ନେବା କାରଣରୁ କାହାକୁ କୋଭିଡ୍ ହେବାର ସମ୍ଭାବନା ଅଛିକି?

ନାଁ । କୌଣସି ଟୀକାରେ ଜୀବନ୍ତ ଭୂତାଣୁ ନାହିଁ । ଏହାର ଅର୍ଥ ଟୀକାନେଲେ କେହି ରୋଗାକ୍ରାନ୍ତ ହେବେନାହିଁ ।
ଯେହେତୁ ଟୀକାକରଣପରେ ଶରୀରକୁ ଆଂଟିବଡ଼ି (କୋଭିଡ୍-୧୯ଭୂତାଣୁରୁ ସୁରକ୍ଷା ପ୍ରଦାନ କରୁଥିବା ରୋଗ ପ୍ରତିରୋଧକ ଶକ୍ତି) ତିଆରି କରିବାପାଇଁ କିଛି ସପ୍ତାହ ଲାଗିଥାଏ । ଏହାର ଅର୍ଥ ଟୀକାକରଣ ଠିକ୍ ପୂର୍ବରୁ ବା ଠିକ୍ ପରେ କୌଣସି ବ୍ୟକ୍ତି ଯଦି ସଂକ୍ରମିତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସନ୍ତି ତେବେ ସେ କୋଭିଡ-୧୯ରେ ସଂକ୍ରମିତ ହୋଇପାରନ୍ତି ।  ସେଥିପାଇଁ ଟୀକା ନେଲେ ମଧ ମନେ ରଖନ୍ତୁ- ସାମାଜିକ ଦୂରତ୍ୱ ରକ୍ଷା, ମାସ୍କ ପିନ୍ଧିବା ଏବଂ ହାତଧୋଇବା ପରି ସାବଧାନତା ଟୀକାକରଣ ପୂର୍ବରୁ ବା ପରେ ଜାରୀ ରଖିବା ଉଚିତ । ଟୀକାକରଣ କେନ୍ଦ୍ରରେ ମଧ ଭଲଭାବେ ଫିଟିଙ୍ଗ ହେଉଥିବା ମାସ୍କ ପିନ୍ଧିବା ଏବଂ ସାମାଜିକ ଦୂରତ୍ୱ ରକ୍ଷାକରିବା ଅନିବାର୍ଯ୍ୟ ।

## ଟୀକାକରଣ କରିଥିଲେ RTPCR ପରୀକ୍ଷଣ ଫଳାଫଳ ପଜେଟିଭ୍ ଆସିବାର ସମ୍ଭାବନା ଅଛିକି?

ନାଁ, ଏହି ନାକ ସ୍ୱାବ ପରୀକ୍ଷଣରେ ନାକ ଭିତରୁ ଜୀବନ୍ତ ଭୂତାଣୁ ବା ଏହା ସହିତ ସମବଂଶିକ ଉପାଦାନ ଖୋଜିଥାଏ । ଏଥିପାଇଁ ଟୀକା ଦେବାରୁ ବ୍ୟକ୍ତି ପରୀକ୍ଷଣର ଫଳାଫଳ ପଜେଟିଭ୍ ଆସିବାର ସୁଯୋଗନାହିଁ ।
ପରୀକ୍ଷଣର ଫଳାଫଳ ପଜେଟିଭ୍ ତେବେ ହୋଇପାରେ ଯଦି ଟୀକା ନେବାର କିଛିଦିନ ପୂର୍ବରୁ  କିମ୍ବା ଟୀକାର ପ୍ରଭାବ ପୂର୍ଣ୍ଣରୂପେ କାର୍ଯ୍ୟକ୍ଷମ ହେବାପୂର୍ବରୁ ବ୍ୟକ୍ତି କରୋନା ପିଡ଼ୀତଙ୍କ ସଂସ୍ପର୍ଶରେ ଆସିଥିବେ ତେବେ ତାଙ୍କର ନାକରେ କରୋନା ଭୂତାଣୁ ଆସିଥାଇପାରେ ।
ଟୀକାକରଣ ପରେ ମଧ ସଂକ୍ରମିତ ହେବାର ସମ୍ଭାବନା ଅଛିକି?
ଅଧୟନରୁ ଜଣାପଡୁଛି ଟୀକାକରଣ ପରେ ପୁନଃ ସଂକ୍ରମଣର ସମ୍ଭାବନା ବହୁତ କ୍ଷୀଣ । ଏପରିକି ଯଦି ହେଉଛି ତାର ଲକ୍ଷଣ ବହୁତ ହାଲକା ଅଥବା ନଥିବା ସାଙ୍ଗେ ସମାନ । ଟୀକା ନେଇଥିବା ବ୍ୟକ୍ତିଙ୍କ ପାଖରେ ଟୀକା ନେଇଥିବା ବ୍ୟକ୍ତିଙ୍କ ଅପେକ୍ଷା ଭାଇରସ୍ ଲୋଡ଼୍ କମମାତ୍ରାରେ ଥାଏ ।

## ଜଣେ ବ୍ୟକ୍ତି କୋଭିଡ୍ ରୋଗରୁ ଭଲ ହୋଇସାରିଥିବା ବ୍ୟକ୍ତିଙ୍କୁ ଟୀକା ଦେବାର ଆବଶ୍ୟକତା ଅଛିକି?

ହଁ, ବିଶେଷଜ୍ଞମାନେ ନିଶ୍ଚିତ ନୁହଁନ୍ତି ଯେ ବ୍ୟକ୍ତି କେତେ ସମୟ ପର୍ଯ୍ୟନ୍ତ ସୁରକ୍ଷିତ ରହିପାରିବ । ଯଦିଓ ପିଡ଼ୀତ ବ୍ୟକ୍ତି ଠିକ୍ ହୋଇଯାଇଛନ୍ତି, କିନ୍ତୁ ପୁନଃ ସଂକ୍ରମଣର ମାତ୍ରା ବହୁତ କମଥିଲେ ମଧ ସଂକ୍ରମଣ ସମ୍ଭବ । ସାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରାଳୟ ଏପରି ବ୍ୟକ୍ତିମାନଙ୍କୁ ଲକ୍ଷଣ ଦେଖାଦେବାର ୬-୮ ସପ୍ତାହପରେ ଟୀକା କରଣ ପାଇଁ ଅନୁମୋଦନ କରିଛନ୍ତି ।

## ଗର୍ଭାବସ୍ଥାରେ ଟୀକା ଦିଆଯାଇପାରିବକି?

ହଁ, ଉପଲବ୍ଧ ତଥ୍ୟ ଅନୁଯାୟୀ କୋଭିଡ୍ ଲକ୍ଷଣଯୁକ୍ତ ସାଧାରଣ ମହିଳା ଏବଂ ଗର୍ଭବତୀ ମହିଳାଙ୍କ ମଧ୍ୟରେ ତୁଳନା କଲେ ଗର୍ଭବତୀ ମହିଳାଙ୍କର ରୋଗ ବହୁଗୁଣରେ ଗମ୍ଭୀର ହେବାର ଦେଖାଯାଉଛି । ତେଣୁ ମହିଳା ଯଦି ସେବାପ୍ରଦାନକାରୀଙ୍କ ସହିତ ଯୋଗାଯୋଗ କରି ଟୀକା ନେଇପାରିବେ ତାହା ବହୁତ ଭଲ ।

## ଟୀକାପାଇଁ ଦେୟ

ବର୍ତମାନ ସମସ୍ତ ଟୀକା ଓଡ଼ିଶା ସରକାରଙ୍କ ଦ୍ୱାରା ନିଶୁଳ୍କ ଉପଲବ୍ଧ ହେବ ।

## ଟୀକାପାଇଁ ପଞ୍ଜିକରଣ:

- ଟୀକାକରଣ ପାଇଁ ରେଜିଷ୍ଟ୍ରେସନ କରାନ୍ତୁ  https://www.cowin.gov.in/
- ଆପଣଙ୍କୁ ଯେଉଁ ନିର୍ଦ୍ଧାରିତ ସମୟ ଟୀକା ଦେବାପାଇଁ ମିଳିଛି ତା'ର ୫ମିନିଟ୍ ଆଗରୁ କେନ୍ଦ୍ରରେ ପହଂଚନ୍ତୁ । ସାଙ୍ଗରେ ପଞ୍ଜିକରଣ ବେଳେ ଦେଇଥିବା ପରିଚୟ ପତ୍ର ନେଇକରି ଯାଆନ୍ତୁ ।

Sahayog
sahayog.odisha@gmail.com
Plot No: 96, Surya Nagar, Unit- VII
Bhubaneswar- 751003, Odisha, India